ନିତିଦିନ
NITIDIN
ଗୁରୁବାର, ୨ ଜୁନ୍ ୨୦୧୬

ଆଇସିଏଆଇ-ଭୁବନେଶ୍ୱର ଚ୍ୟାପ୍ଟର୍‌ର ନୂତନ ପରିଚାଳନା କର୍ମକର୍ତ୍ତା ଚୟନ

ଭୁବନେଶ୍ୱର, ୧।୬/ଏନ୍‌ଏନ୍‌ଏସ୍‌: ଆଇସିଏଆଇ(ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟର୍ଡ ଆକାଉଣ୍ଟଟସ୍ ଅଫ୍ ଇଣ୍ଡିଆ),ଭୁବନେଶ୍ୱର ଚାପ୍ଟରର ୪୭ତମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭୁବନେଶ୍ୱର ଚାପ୍ଟରର ସଦସ୍ୟଙ୍କ ମଧ୍ୟରୁ ୨୦୦ରୁ ଊର୍ଦ୍ଧ୍ୱ ଚାର୍ଟର୍ଡ ଏକ୍ସ ଏଣ୍ଡ ମ୍ୟାନେଜମେଣ୍ଟ ଆକାଉଣ୍ଟାର୍ ଯୋଗଦେଇଥିଲେ । ପୂର୍ବତନ ଅଧକ୍ଷ ସିଏମ୍‌ଏ ବିଭୂତି ଭୂଷଣ ନାୟକ ଓ ପୂର୍ବତନ ସମ୍ପାଦକ ସିଏମ୍‌ଏ ଜଗତ୍ ଜ୍ୟୋତି ତ୍ରିପୁରାଞ୍ଜନ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବୈଠକରେ ଅଧକ୍ଷ ଭାବେ ସିଏମ୍‌ଏ ଶିବ ପ୍ରସାଦ କର, ଉପାଧକ୍ଷ ଭାବେ ସିଏମ୍‌ଏ ଉତ୍ତମ କୁମାର ନାୟକ ଓ ସମ୍ପାଦକ ଭାବେ ସିଏମ୍‌ଏ ପମୋଦର ମିଶ୍ରଙ୍କୁ ୨୦୧୬-୧୭ ବର୍ଷ ପାଇଁ ଚୟନ କରାଯାଇଥିବା ବେଳେ ଭୋଟିଂ କମିଟି ଅଧକ୍ଷ ଭାବେ ସିଏମ୍‌ଏ ବିଭୂତି ଭୂଷଣ ନାୟକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ।